# ଜାତୀୟ ସମରଶିକ୍ଷାର୍ଥୀ ବାହିନୀ ଏକ ସଫଳତାର କାହାଣୀ: ରାଜ୍ୟପାଳ



ଭୁବନେଶ୍ୱର, (ଆପ୍ର): ଜାତୀୟ ସମର ଶିକ୍ଷାର୍ଥୀ ବାହିନୀ ଯୁବ ନେତୃତ୍ୱର ଗୁଣାତ୍ମକ ମାନବୃଦ୍ଧି ତଥା ଯୁବ ସମାଜ ମଧ୍ୟରେ ଶୃଙ୍ଖଳା ଓ ଦେଶ ପ୍ରେମର ବିକାଶ ପାଇଁ ଗୁରୁତ୍ୱ ଆରୋପ କରିଆସିଛି । ପ୍ରତିରକ୍ଷା ପ୍ରସଙ୍ଗଠୁ ଏହା ବେଶ୍ ଗୁରୁତ୍ୱପୂର୍ଣ୍ଣ । ସାମାଜିକ ସେବା ଏନ୍‌ସିସିର ପ୍ରମୁଖ ଆଭିମୁଖ୍ୟ । ଏନ୍‌ସିସି ଦେଶକୁ କେବଳ ଶକ୍ତି ଦେଉନି, ଦେଉଛି ଦୃଢ଼ ଚରିତ୍ରବତ୍ତା । ଏକତା ଓ ଶୃଙ୍ଖଳାକୁ ଆଧାର କରି ଏନ୍‌ସିସି ଯୁବ ତଥା ଛାତ୍ରମାନଙ୍କ ମଧ୍ୟରେ ଏକତାର ବାର୍ତ୍ତା ପ୍ରସାରିତ କରିଛି । ଜାତୀୟ ସମର ଶିକ୍ଷାର୍ଥୀ ବାହିନୀ ଏକ ସଫଳତାର କାହାଣୀ ବୋଲି ରାଜ୍ୟପାଳ ଡ଼. ଏସ୍.ସି. ଜମିର ପ୍ରକାଶ କରିଛନ୍ତି । ଓୟୁଏଟିର ସ୍ୱାମୀନାଥନ ହଲରେ ଆୟୋଜିତ ଜାତୀୟ ସମର ଶିକ୍ଷାର୍ଥୀ ବାହିନୀର ୧ (ଓଡ଼ିଶା) ଆର୍.ଆଣ୍ଡ୍ ଭି. ସ୍କ୍ୱାଡ଼ନର ସୁବର୍ଣ୍ଣ ଜୟନ୍ତୀ ସମାରୋହରେ ଯୋଗ ଦେଇ ରାଜ୍ୟପାଳ କହିଲେ ଯେ ଜାତୀୟ ସମର ଶିକ୍ଷାର୍ଥୀ ବାହିନୀ ଦେଶ ତଥା ଜାତିର ସଂହତି ପାଇଁ ଉଚ୍ଚ ମୂଲ୍ୟବୋଧର ଧାରକ ଓ ବାହକ । ଏହା ଯୁବବର୍ଗଙ୍କ ପାଇଁ ସବୁଠୁ ଭଲ ପ୍ରଶିକ୍ଷଣ କ୍ଷେତ୍ର । ଗତ ପଚାଶ ବର୍ଷ ମଧ୍ୟରେ ଏନ୍‌ସିସିର ଏହି ୟୁନିଟ ଅନେକ ଉଲ୍ଲେଖନୀୟ କାର୍ଯ୍ୟ କରି ଗର୍ବ ଓ ଗୌରବର ଅଧିକାରୀ ହୋଇଛି । ବ୍ୟକ୍ତିଗତ ଓ ଦଳଗତ ସ୍ତରରେ ଅନେକ କୃତିତ୍ୱ ଉଲ୍ଲେଖଯୋଗ୍ୟ ହୋଇଛି । ଏହା ହୋଇଛି ପ୍ରତ୍ୟେକଙ୍କର ଉତ୍ସାହ, ନିଷ୍ଠା ଓ ଅଂଗୀକାର ପାଇଁ ଏବଂ ସୁବର୍ଣ୍ଣ ଜୟନ୍ତୀ ଅବସରରେ ଏହା ହିଁ ପାଥେୟ ହେଉ ବୋଲି ରାଜ୍ୟପାଳ ଆଶା ପ୍ରକଟ କରିଛନ୍ତି । ଅଶ୍ୱାରୋହୀ ଦଳରେ ସାମିଲ ହୋଇ ଅନେକ ବାଳିକା ଉଲ୍ଲେଖନୀୟ ପ୍ରଦର୍ଶନ କରିଛନ୍ତି । ବହୁ ସଂଖ୍ୟାରେ ଛାତ୍ରୀମାନେ ଏଥିରେ ଯୋଗଦେଇ ଶୃଙ୍ଖଳା, ଦୁଃସାହସିକତା ଓ ଏକତ୍ୱବୋଧର ପ୍ରେରଣା ନେବାକୁ ରାଜ୍ୟପାଳ ପରାମର୍ଶ ଦେଇଛନ୍ତି । ଲେଫ୍ଟନାଂଟ୍ ଜେନେରାଲ (ଅବସରପ୍ରାପ୍ତ) ଏନ୍. ମହାନ୍ତି, ଓୟୁଏଟିର କୁଳପତି ସୁରେନ୍ଦ୍ରନାଥ ପଶୁପାଳକ, ଓଡ଼ିଶା ଏନ୍‌ସିସିର ଉପ ମହାନିର୍ଦ୍ଦେଶକ ଏସ୍.ସିଂ, କମାଣ୍ଡିଂ ଅଫିସର ପି.କେ. ସିଂ, ଓଡ଼ିଶା ଏନ୍‌ସିସିର ଉପ ନିର୍ଦ୍ଦେଶକ ସୌର୍ଯ୍ୟ ରଂଜନ ପରିଜା ପ୍ରମୁଖ ବକ୍ତବ୍ୟ ରଖିଥିଲେ । ଏହି ଉତ୍ସବରେ ଏନ୍‌ସିସିର ଅତିରିକ୍ତ ମହାନିର୍ଦ୍ଦେଶକ ଏଚ୍.ଜେ. ଓ୍ୱାଲିଆ ମଧ୍ୟ ଉପସ୍ଥିତ ଥିଲେ । ଏହି ଅବସରରେ ରାଜ୍ୟପାଳ ସୁବର୍ଣ୍ଣ ଜୟନ୍ତୀ ସ୍ମରଣିକା ଉନ୍ମୋଚନ କରିବା ସହ ୟୁନିଟ୍‌କୁ ସମୃଦ୍ଧ କରିଥିବା ବ୍ୟକ୍ତି ବିଶେଷଙ୍କୁ ସମ୍ବର୍ଦ୍ଧିତ କରିଥିଲେ ।

# ଏନ୍‌ସିସି ନେତୃତ୍ୱ ବିକାଶରେ ସହାୟକ: ରାଜ୍ୟପାଳ

ଭୁବନେଶ୍ୱର,୮।୯ (ବ୍ୟୁରୋ): ଜାତୀୟ ସମର ଶିକ୍ଷାର୍ଥୀ ବାହିନୀ(ଏନ୍‌ସିସି) ନେତୃତ୍ୱ ବିକାଶରେ ସହାୟକ ହୋଇଥାଏ। ଏହାର କ୍ୟାଡେଟ୍‌ମାନେ ଶୃଙ୍ଖଳା ଓ ଦେଶ ପ୍ରେମର ବିକାଶ ପାଇଁ ଶିକ୍ଷା ହାସଲ କରିଥାନ୍ତି ବୋଲି ରାଜ୍ୟପାଳ ଡ. ଏସ୍.ସି. ଜମିର୍ କହିଛନ୍ତି।

## ଆର୍.ଆଣ୍ଡ୍ ଭି. ସ୍କ୍ୱାର୍ଡନ୍‌ର ସୁବର୍ଣ୍ଣ ଜୟନ୍ତୀ ସମାରୋହ

ଆଜି ଓୟୁଏଟିର ସ୍ୱାମୀନାଥନ୍ ହଲରେ ଆୟୋଜିତ ଜାତୀୟ ସମର ଶିକ୍ଷାର୍ଥୀ ବାହିନୀର ୧ (ଓଡ଼ିଶା) ଆର୍.ଆଣ୍ଡ୍ ଭି. ସ୍କ୍ୱାର୍ଡନ୍‌ର ସୁବର୍ଣ୍ଣ ଜୟନ୍ତୀ ସମାରୋହରେ ଯୋଗ ଦେଇ ରାଜ୍ୟପାଳ କହିଥିଲେ, ଏନ୍‌ସିସି ଯୁବ ତଥା ଛାତ୍ରମାନଙ୍କ ମଧ୍ୟରେ ଏକତାର ବାର୍ତ୍ତା ପ୍ରସାରିତ କରିଛି। ଏନ୍‌ସିସି ଏକ ସଫଳତାର କାହାଣୀ। ଯାହା ଦେଶ ତଥା ଜାତିର ସଂହତି ପାଇଁ ଉଚ୍ଚ ମୂଲ୍ୟବୋଧର ଧାରକ ଓ ବାହକ। ଏହା ଯୁବବର୍ଗଙ୍କ ପାଇଁ ସବୁଠୁ ଭଲ ପ୍ରଶିକ୍ଷଣ କ୍ଷେତ୍ର। ଗତ ୫୦ ବର୍ଷ ମଧ୍ୟରେ ଏନ୍‌ସିସିର ଏହି ୟୁନିଟ୍ ଅନେକ ଉଲ୍ଲେଖନୀୟ କାର୍ଯ୍ୟ କରି ଗର୍ବ ଓ ଗୌରବର ଅଧିକାରୀ ହୋଇଛି। ଅଶ୍ୱାରୋହୀ ଦଳରେ ସାମିଲ ହୋଇ ଅନେକ ବାଳିକା ଉଲ୍ଲେଖନୀୟ ପ୍ରଦର୍ଶନ କରିଛନ୍ତି। ବହୁ ସଂଖ୍ୟାରେ ଛାତ୍ରୀମାନେ ଏଥିରେ ଯୋଗଦେଇ ଶୃଙ୍ଖଳା, ଦୁଃସାହସିକତା ଓ ଏକତ୍ୱବୋଧର ପ୍ରେରଣା ନେବାକୁ ରାଜ୍ୟପାଳ ପରାମର୍ଶ ଦେଇଛନ୍ତି।

ଅବସରପ୍ରାପ୍ତ ଲେଫ୍ଟନାଣ୍ଟ୍ ଜେନେରାଲ ନାରାୟଣ ମହାନ୍ତି, ଓୟୁଏଟିର କୁଳପତି ପ୍ରଫେସର ସୁରେନ୍ଦ୍ରନାଥ ପଶୁପାଳକ, ଓଡ଼ିଶା ଏନ୍‌ସିସିର ଉପ ମହାନିର୍ଦ୍ଦେଶକ ଏସ୍.ସିଂ, କମାଣ୍ଡିଂ ଅଫିସର ପି.କେ. ସିଂ, ଓଡ଼ିଶା ଏନ୍‌ସିସିର ଉପ ନିର୍ଦ୍ଦେଶକ ସୌର୍ଯ୍ୟ ରଞ୍ଜନ ପରିଜା ପ୍ରମୁଖ ବକ୍ତବ୍ୟ ରଖିଥିଲେ। ଏହି ଉତ୍ସବରେ ଏନ୍‌ସିସିର ଅତିରିକ୍ତ ମହାନିର୍ଦ୍ଦେଶକ ଏଚ୍.ଜେ. ୱାଲିଆ ମଧ୍ୟ ଉପସ୍ଥିତ ଥିଲେ। ଏହି ଅବସରରେ ରାଜ୍ୟପାଳ ସୁବର୍ଣ୍ଣ ଜୟନ୍ତୀ ସ୍ମରଣିକା ଉନ୍ମୋଚନ କରିବା ସହ ୟୁନିଟ୍‌କୁ ସମୃଦ୍ଧ କରିଥିବା ବ୍ୟକ୍ତି ବିଶେଷଙ୍କୁ ସମ୍ବର୍ଦ୍ଧିତ କରିଥିଲେ।



PRAMAYA ODIA DAILY , 09 SEP 17 , PAGE -14

SAMBAD
ସମ୍ବାଦ



ଓଡ଼ିଶା ଏନ୍‌ସିସି ଆର୍ ଆଣ୍ଡ୍ ଭି ସ୍କ୍ୱାଡନ୍‌ର ସୁବର୍ଣ୍ଣ ଜୟନ୍ତୀ ସମାରୋହ

# କୋରାପୁଟରେ ଖୋଲିବ ଗ୍ରୁପ୍ ହେଡ୍‌କ୍ୱାର୍ଟର




ଭୁବନେଶ୍ୱର,୮।୯(ଇମିସ): ଓଡ଼ିଶାରେ ବଢ଼ିବ ଏନ୍‌ସିସିର ଭିତ୍ତିଭୂମି। ଏବେ କଟକ, ବ୍ରହ୍ମପୁର ଓ ସମ୍ବଲପୁରରେ ଏନ୍‌ସିସିର ୩ଟି ଗ୍ରୁପ୍ ହେଡ୍‌କ୍ୱାର୍ଟର କାର୍ଯ୍ୟକ୍ଷମ ଥିବା ବେଳେ କୋରାପୁଟରେ ଆଉ ଏକ ହେଡ୍‌କ୍ୱାର୍ଟର ଖୋଲିବାକୁ ସ୍ଥିର ହୋଇଛି। ଏହାଦ୍ୱାରା ଦକ୍ଷିଣ ଓଡ଼ିଶାରେ ଏନ୍‌ସିସି ସୁଦୃଢ଼ ହେବ। ଏଥିସହ ପାରାଦୀପରେ ଏନ୍‌ସିସିର ନାଭାଲ୍ ୟୁନିଟ୍ ଏବଂ ଝାରସୁଗୁଡ଼ାରେ ଏୟାରଫୋର୍ସ ୟୁନିଟ୍ ଖୋଲିବାକୁ କେନ୍ଦ୍ର ପ୍ରତିରକ୍ଷା ମନ୍ତ୍ରାଳୟରୁ ଅନୁମତି ମିଳିଛି ବୋଲି ଓଡ଼ିଶା ଏନ୍‌ସିସି ଡେପୁଟି ଡାଇରେକ୍ଟର ଜେନେରାଲ କମୋଡର ଶୈଳେନ୍ଦ୍ର ସିଂ କହିଛନ୍ତି।

ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ(ଓୟୁଏଟି) ପରିସରରେ ଏନ୍‌ସିସିର ଆର୍ ଆଣ୍ଡ୍ ଭି ସ୍କ୍ୱାଡନର ସୁବର୍ଣ୍ଣ ଜୟନ୍ତୀ ସମାରୋହରେ ସମ୍ମାନିତ ଅତିଥି ଭାବେ ଯୋଗଦେଇ କମୋଡର ଶ୍ରୀ ସିଂ କହିଲେ, ସ୍ୱେଚ୍ଛାସେବୀ କ୍ଷେତ୍ରରେ ଓଡ଼ିଶା ଏନ୍‌ସିସି ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି। ବର୍ତ୍ତମାନ ରାଜ୍ୟର ୮୫୦ ସ୍କୁଲ ଏବଂ କଲେଜରେ ୫୫ ହଜାରରୁ ଅଧିକ କ୍ୟାଡେଟ୍ ରହିଛନ୍ତି। ସାମାଜିକ କାର୍ଯ୍ୟକ୍ରମରେ ସେମାନେ ଅଂଶଗ୍ରହଣ କରି ରାଜ୍ୟର ବିକାଶ ଧାରାରେ ସାମିଲ ହେଉଛନ୍ତି। ବିଗତ ଦିନରେ କ୍ୟାଡେଟ୍‌ମାନେ ସୈନ୍ୟବାହିନୀ, ଅଗ୍ନିଶମ, ପାରାମିଲିଟାରି ଫୋର୍ସରେ ଯୋଗଦାନ କରିଛି ଓଡ଼ିଶାକୁ ଗୌରବାନ୍ୱିତ କରିଛନ୍ତି।

ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ରାଜ୍ୟପାଳ ଏସ୍.ସି. ଜମିର ମୁଖ୍ୟଅତିଥି ଭାବେ ଯୋଗଦେଇ କହିଲେ, ଯୁବ ନେତୃତ୍ୱର ଗୁଣାତ୍ମକ ମାନ ବୃଦ୍ଧି ସହ ଯୁବ ସମାଜ ମଧ୍ୟରେ ଶୃଙ୍ଖଳା ଓ ଦେଶ ପ୍ରେମର ବିକାଶ ଉପରେ ଏନ୍‌ସିସି ଗୁରୁତ୍ୱ ଦେଇଥାଏ। ପ୍ରତିରକ୍ଷା କ୍ଷେତ୍ରରେ ଏହା ବେଶ୍ ଗୁରୁତ୍ୱପୂର୍ଣ୍ଣ। ଏକତା ଓ ଶୃଙ୍ଖଳାକୁ ଆଧାର କରି ଏନ୍‌ସିସି ଯୁବ ତଥା ଛାତ୍ରଙ୍କ ମଧ୍ୟରେ ଏକତାର ବାର୍ତ୍ତା ପ୍ରସାରିତ କରିଛି। ଯୁବବର୍ଗଙ୍କ

**ପାରାଦୀପରେ ନାଭାଲ୍, ଝାରସୁଗୁଡ଼ାରେ ଏୟାର ୟୁନିଟ୍**

ପାଇଁ ଏହା ସବୁଠୁ ଭଲ ପ୍ରଶିକ୍ଷଣ କ୍ଷେତ୍ର। ଗତ ୫୦ ବର୍ଷ ମଧ୍ୟରେ ଏନ୍‌ସିସିର ଏହି ୟୁନିଟ୍ ଅନେକ ଉଲ୍ଲେଖନୀୟ କାର୍ଯ୍ୟ କରି ଗୌରବ ସାଉଁଟିଛି। ବ୍ୟକ୍ତିଗତ ଓ ଦଳଗତସ୍ତରରେ ଅନେକ କୃତିତ୍ୱ ମିଳିଛି। ଅଶ୍ୱାରୋହୀ ଦଳରେ ସାମିଲ ହୋଇ ଅନେକ ବାଳିକା ଉଲ୍ଲେଖନୀୟ ପ୍ରଦର୍ଶନ କରିଛନ୍ତି। ଅଧିକରୁ ଅଧିକ ସଂଖ୍ୟାରେ ଛାତ୍ରୀ ଏଥିରେ ଯୋଗଦେଇ ଶୃଙ୍ଖଳା, ଦୁଃସାହସିକତା ଓ ଏକତ୍ୱବୋଧର ପ୍ରେରଣା ନେବାକୁ ଶ୍ରୀ ଜମିର ପରାମର୍ଶ ଦେଇଛନ୍ତି।

ଓଡ଼ିଶା ଆର୍ ଆଣ୍ଡ୍ ଭି ଏନ୍‌ସିସି ଆଲୁମିନି ଆସୋସିଏସନର ସଭାପତି ଅବସରପ୍ରାପ୍ତ ଲେଫ୍ଟନାଣ୍ଟ ଜେନେରାଲ ନାରାୟଣ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ଓୟୁଏଟି କୁଳପତି ପ୍ରଫେସର ସୁରେନ୍ଦ୍ରନାଥ ପଶୁପାଳକ ଯୋଗଦେଇ ଆର୍ ଆଣ୍ଡ୍ ଭି ୟୁନିଟ୍‌କୁ ସମସ୍ତ ପ୍ରକାର ସହାୟତା ପ୍ରଦାନ କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ଏନ୍‌ସିସିର ଅତିରିକ୍ତ ମହାନିର୍ଦ୍ଦେଶକ ଏଚ୍.ଜେ. ୱାଲିଆ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। କମାଣ୍ଡିଂ ଅଫିସର ପି.କେ. ସିଂ ସ୍ୱାଗତ ଭାଷଣ ଦେଇଥିବା ବେଳେ ଓଡ଼ିଶା ଏନ୍‌ସିସିର ଉପ ନିର୍ଦ୍ଦେଶକ ସୌର୍ଯ୍ୟ ରଞ୍ଜନ ପରିଜା ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ରାଜ୍ୟପାଳ ସୁବର୍ଣ୍ଣ ଜୟନ୍ତୀ ସ୍ମରଣିକା ଉନ୍ମୋଚନ କରିବା ସହ ୟୁନିଟ୍‌କୁ ସମୃଦ୍ଧ କରିଥିବା ବ୍ୟକ୍ତିବିଶେଷଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ସନ୍ଧ୍ୟାରେ ପ୍ରାଣୀ ଚିକିତ୍ସା ମହାବିଦ୍ୟାଳୟ ପରିସରରେ ଚିତ୍ତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା।

# SHOW OF STRENGTH




Equestrian cadets and the horses of the unit at the golden jubilee celebration of 1 (Odisha) R & V Squadron, NCC, at Odisha University of Agriculture and Technology in Bhubaneswar on Friday.

Inaugurating the ceremony, Governor S.C. Jamir said the National Cadet Corps embodied the values important for our nation's unity. "The progress of the squadron in the past 50 years has been remarkable. As one looks back, it is amazing to learn how much it has progressed. It gained laurels, glories, honours and achievements at both personal and unit-level," Jamir said.

The NCC directorate made elaborate arrangements for special horse shows, air/naval show and cultural programmes to showcase motto of the Indian Army, NCC, and displayed the achievements of the unit made over the years.

*PICTURE BY ASHWINEE PATI*

THE TELEGRAPH ON 09 SEP 2017 , PAGE-8

# BATTLE-READY

Sanjib Das



NCC members carry out mock drill to mark the golden jubilee of 1(O) Remount and Veterinary (R&V) Sqaudron, BBSR, at Orissa University of Agriculture and Technology ground in Bhubaneswar on Friday

**TIMES OF INDIA, 09 SEP 17**